ଏପିସୋଡ ୬

# ଇତିହାସରୁ ଶିକ୍ଷା

ମୂଳ ରଚନା: ହେମନ୍ତ ଲଙ୍ଗଭେକର୍

ଓଡ଼ିଆ ରୂପାନ୍ତର: ସୃଜନିକା, ଭୁବନେଶ୍ୱର

ସମସ୍ତେ ଜାଣିଛନ୍ତି ଯେ ସବୁଜକୋଠରୀ ବାଷ୍ପ ମୁଖ୍ୟତଃ ବିଶ୍ୱ ଉଷ୍ମାୟନ ପାଇଁ ଦାୟୀ। ଏଥର ଆମେ ଶୁଣିବା ଯେ କିଛି ବାଷ୍ପର ଏଭଳି କି ଗୁଣ ରହିଛି ଯେଉଁଥିପାଇଁ ତାଙ୍କୁ ସବୁଜକୋଠରୀ ବାଷ୍ପ କୁହାଯାଏ। ବ୍ୟକ୍ତିଗତ ପ୍ରଚେଷ୍ଟାରେ ଆମେ ଏହାକୁ କିପରି କମେଇ ପାରିବା।

ପାତ୍ର ଚନ୍ଦ୍ର ଛାତ୍ର, ୧୩ ବର୍ଷ

ଦେବୀ ଚନ୍ଦ୍ରର ଛୋଟ ଭଉଣୀ ୧୦ ବର୍ଷ

ସୂର୍ଯ୍ୟ ବାପା, ୪୫ ବର୍ଷ

ସୁନୀତା ମା ୪୨ ବର୍ଷ

ଦେବେନ୍ଦ୍ର ସୂର୍ଯ୍ୟଙ୍କ ସାଙ୍ଗ, ୪୫ ବର୍ଷ

(କାର୍ ଚାଲିବାର ଶବ୍ଦ, ଧୀର ହେଉଛି ଏବଂ ଅଟକି ଯାଉଛି। କାର୍‌ର ଦୁଆର ଖୋଲୁଛି, ଗୋଟିଏ ଛୋଟ କୁକୁର (ବ୍ରୁନୋ)ର ସ୍ୱର ଶୁଣାଯାଉଛି।

ସୂର୍ଯ୍ୟ: ଚାଲ, ଚଟାପଟ ଓହ୍ଲାଅ। ଆମେ ବୋଧେ ଡେରି ହୋଇଗଲେଣି। ପାର୍କିଂ ପାଇଁ ଜାଗା ନାହିଁ। ହଉ ମୁଁ ଜାଗା ଖୋଜୁଛି। କିନ୍ତୁ ତମେମାନେ ଜଲ୍‌ଦି ଓହ୍ଲାଅ।

ଚନ୍ଦ୍ର: ହଁ ବାପା...

ଦେବୀ: ଆଉ ବ୍ରୁନୋ?

ସୁନୀତା: ଦେବୀ, ବ୍ରୁନୋକୁ ଆମେ ଥିଏଟର ଭିତରକୁ ନେଇ ଯାଇପାରିବା ନାହିଁ। ତାକୁ କାର୍‌ରେ ହିଁ ଛାଡ଼ିଦେବା।

ଚନ୍ଦ୍ର: ହଁ ଦେବୀ। ମା ଠିକ କହୁଛନ୍ତି। ଏମିତି ବି ଆମେ ଘଣ୍ଟେ ଭିତରେ ଫେରିଆସିବା।

ଦେବୀ: ହଉ ଠିକ ଅଛି।

ସୂର୍ଯ୍ୟ: ଆରେ ଓହ୍ଲାଅ। ମୁଁ ସେଠି ଗାଡ଼ି ପାର୍କ କରି ଆସୁଛି।

(କାର୍ ଦୁଆର ବନ୍ଦ ହେବା ଶବ୍ଦ)

ସୁନୀତା: ଚନ୍ଦ୍ର, ଦେବୀ, ଜଲ୍‌ଦି ଚାଲ, ଲାଗୁଛି ଯେମିତି ସୋ ଆରମ୍ଭ ହେବାକୁ ଯାଉଛି। ଭିତରେ ଯାଇ ନିଜ ସିଟ୍‌ରେ ବସି ପଡ଼।

ଚନ୍ଦ୍ର: ହଁ ମା।

ଦୃଶ୍ୟ ପରିବର୍ତ୍ତନ (ସୋ ବିଷୟରେ କଥା ହୋଇ ଲୋକମାନେ ହଲ୍ ଭିତରୁ ବାହାରି ଆସୁଛନ୍ତି)

ସୁନୀତା: ସେ ଝିଅ କେତେ ସୁନ୍ଦର ଲାଗୁଥିଲା ନା । ଆଉ ନାଚ ତ, ପୂରା ପ୍ରଫେସନାସ୍ ଭଳି ନାଚୁଥିଲା।

ଦେବୀ: ମୁଁ ତାକୁ ଜାଣିଛି। ଆମ ସହ ସେ ଟ୍ୟୁସନ ହୁଏ।

ସୁନୀତା: ଆଚ୍ଛା!

ଚନ୍ଦ୍ର:	ହଉ ସେତିକି କଥା ଥାଉ, ଜଲ୍‌ଦି ଚାଲ। ନହେଲେ ଭିଡ଼ ଭିତରୁ ଗାଡ଼ି ବାହାର କରିବା ମୁସ୍କିଲ ହୋଇଯିବ।

ସୂର୍ଯ୍ୟ:	ଚନ୍ଦ୍ର ଠିକ କହୁଛି। (ଗାଡ଼ି ଦୁଆର ଖୋଲିବା ଶବ୍ଦ)

ଦେବୀ:	(ବ୍ରୁନୋକୁ ଡାକି) ବ୍ରୁନୋ, ମୋ ଗେହ୍ଲା ବ୍ରୁନୋ, ଦେଖ, ଆମେ ଆସିଗଲୁ। ତୁ କୁଆଡ଼େ ଗଲୁ। (ଚିତ୍କାର କରି ବ୍ରୁନୋ)

ଦେବୀ:	ଏଇ ଦେଖ ବ୍ରୁନୋ ଏଇଠି ଅଛି। (ଚିତ୍କାର କରି) ମା, ବ୍ରୁନୋ ଆଉ ନାହିଁ। (ଦୁଃଖ ସଙ୍ଗୀତ)

ସୁନୀତା:	(ଆଶ୍ଚର୍ଯ୍ୟ ହୋଇ) କ'ଣ ହେଲା...

ସୂର୍ଯ୍ୟ:	ଆରେ ଚନ୍ଦ୍ର କ'ଣ ହେଲା? ବ୍ରୁନୋ ଶୋଇଥିବ।

ଚନ୍ଦ୍ର:	ନାଇଁ ବାପା, ଦେଖ କେମିତି ପଡ଼ିଛି। (ଚନ୍ଦ୍ର କାନ୍ଦିବାକୁ ଲାଗିଲା)

ସୂର୍ଯ୍ୟ:	ଓହଃ, କିନ୍ତୁ ଏସବୁ ହେଲା କେମିତି?

ଦେବୀ:	(କାନ୍ଦି କାନ୍ଦି) ମତେ ମୋ ବ୍ରୁନୋ ଦରକାର। ମତେ ବ୍ରୁନୋ ଦିଅ।

ସୂର୍ଯ୍ୟ:	ହଉ, ଚୁପ ହୋଇଯା ଝିଅ। ଆଗ ଘରକୁ ଯାଇ ଡାକ୍ତରଙ୍କ ସହ କଥାହେବା। ଆମେ କିଛି ବିଷାକ୍ତ ଜିନିଷ ଖାଇବାକୁ ଦେଇନୁ ତ?

ସୁନୀତା:	ନାଇଁ ତ। କିନ୍ତୁ ଏମିତି ହେବା କେମିତି?

ସୂର୍ଯ୍ୟ:	କେଜାଣି। ଡାକ୍ତରଙ୍କୁ ପଚାରିଲେ ଜଣାପଡ଼ିବ।

(ଦୁଃଖ ସଙ୍ଗୀତ ସହ କାର୍ ଚାଲିବା ଶବ୍ଦ)

ଦୃଶ୍ୟ ପରିବର୍ତ୍ତନ (ଦୁଆର ଘଣ୍ଟି ବାଜିବା, ତା ପରେ ଦୁଆର ଖୋଲିବା ଶବ୍ଦ)

ସୂର୍ଯ୍ୟ:	ଆରେ ଦେବ, ସକାଳୁ ସକାଳୁ। କି ଆଶ୍ଚର୍ଯ୍ୟ କଥା।

ଦେବ:	(ହସି ହସି) ହଁ ଆଜି ରବିବାର। ଭାବିଲି ତମେମାନେ ସମସ୍ତେ ଘରେ ହିଁ ଥିବ। ସେଥିପାଇଁ ଚାଲିଆସିଲି।

ସୂର୍ଯ୍ୟ:	ଭଲ କଲ। ଆସ ବସ।

ଦେବ:	ହୁଁ.. କିନ୍ତୁ ସୂର୍ଯ୍ୟ କଥା କ'ଣ, କିଛି ପାଟିତୁଣ୍ଡ ଶୁଣାଯାଉନି, ଗଣ୍ଡଗୋଳ ନାହିଁ। ପିଲାମାନେ କାହାନ୍ତି? ଚନ୍ଦ୍ର? ଦେବୀ? ଏବେ ଯାଏଁ ଶୋଇଛନ୍ତି ନା କ'ଣ?

ସୂର୍ଯ୍ୟ:	ନା ନା ଭିତରେ ନିଜ ନିଜ କୋଠରୀରେ ଅଛନ୍ତି।

ଦେବ:	ଆଚ୍ଛା! ପାଠ ପଢୁଛନ୍ତି। ଭଲ କଥା।

ସୂର୍ଯ୍ୟ:	ପ୍ରକୃତରେ ଆଜି ସେମାନଙ୍କ ମନ ଭଲନାହିଁ।

ଦେବ:	କାହିଁକି? କ'ଣ ହେଇଛି? ସବୁ ଠିକଠାକ୍ ତ?

ସୂର୍ଯ୍ୟ:	(ଦୁଃଖିତ ହୋଇ) କ'ଣ କହିବି ଦେବ, କାଲି ଆମ ବ୍ରୁନୋ ଚାଲିଗଲା।

ଦେବ:	ଆରେ! ଆହା!! ବହୁତ ଦୁଃଖର କଥା!

ସୂର୍ଯ୍ୟ:	ହଁ ପିଲାମାନେ ବହୁତ ଶକ୍ ପାଇଛନ୍ତି।

ଦେବ:	କିନ୍ତୁ ଏସବୁ ହେଲା କେମିତି? କିଛି ବିଷାକ୍ତ ଜିନିଷ ଖାଇଦେଇ ନାହିଁ ତ?

ସୂର୍ଯ୍ୟ:	ନାଇଁ ଦେବ, ସେମିତି କିଛି ହୋଇନାହିଁ।

ଦେବ:	ତାହେଲେ?

ସୂର୍ଯ୍ୟ:	ହୁଁ... ନିଅ, ତମେ ପାଣି ପିଅ ଦେବ। ମୁଁ ଭିତରକୁ ଯାଇ ଦେବୀ ଆଉ ଚନ୍ଦ୍ରକୁ ଆଣୁଛି।

ଦେବ:	ଠିକ ଅଛି। (ଗିଲାସରେ ପାଣି ଢାଳିବା ଶବ୍ଦ)

ଦେବ:	ଆରେ... ଆସ ଆସ ଚନ୍ଦ୍ର। ଦେବୀ... ଆ। ଏଇଠି ବସ। ହୁଁ... ମତେ ଏବେ

ସୂର୍ଯ୍ୟ ବ୍ରୁନୋ ବିଷୟରେ କହିଲେ। ଶୁଣିକି ବହୁତ ଖରାପ ଲାଗିଲା। କିନ୍ତୁ ଏମିତି ହେଲା କେମିତି?

ସୂର୍ଯ୍ୟ: କଥା କ'ଣ କି, କାଲି ଦିପହରେ ବଜାର ଯାଇଥିଲୁ। ବୁଲି ସାରିଲା ପରେ ଗୋଟିଏ ନାଚ କାର୍ଯ୍ୟକ୍ରମ ଦେଖିବା ପାଇଁ ଯାଇଥିଲୁ। ବ୍ରୁନୋ ବି ଆମ ସହ ଥିଲା। କିନ୍ତୁ ଆମେ ତାକୁ କାର୍‌ରେ ଛାଡ଼ିଦେଇ ଯାଇଥିଲୁ।

ଦେବ: ଆଉ ଫେରିକି ଆସି ଦେଖିଲ ଯେ ବ୍ରୁନୋ ମରି କି ପଡ଼ିଛି।

ସୂର୍ଯ୍ୟ: ହଁ।

ଦେବୀ: ମୁଁ ତ ବାପାଙ୍କୁ କହୁଥିଲି ଯେ ବ୍ରୁନୋକୁ ଗାଡ଼ିରେ ଛାଡ଼ି ଯିବାନାହିଁ। କିନ୍ତୁ ବାପା ମୋ କଥା ମୋଟେ ଶୁଣିଲେନାହିଁ।

ସୂର୍ଯ୍ୟ: ମା'ରେ ତାକୁ ହଲ୍ ଭିତରକୁ ନେଇ ଯିବାର ଅନୁମତି ନ ଥିଲା।

ଦେବ: ବୁଝିଗଲି। ସୂର୍ଯ୍ୟ, ତମେ ତମ କାର୍‌କୁ ଖରାରେ ପାର୍କ କରିଥିଲ। ଛାଇରେ ନୁହେଁ... ଠିକ?

ସୂର୍ଯ୍ୟ: ହଁ ସେଠି ପାର୍କିଂ ପାଇଁ ଜାଗା ନ ଥିଲା। ମୁଁ ରାସ୍ତା କଡ଼କୁ ଗାଡ଼ି ରଖିଦେଲି। ସେଠି ଛାଇ ତ ନ ଥିଲା, ଖରା ବି ବହୁତ ଜୋର ହେଉଥିଲା।

ଦେବ: ତା ମାନେ କାର୍‌ରେ ଯେଉଁ ଖରା ବନ୍ଦ ହୋଇ ରହିଗଲା, ସେ ହିଁ ବ୍ରୁନୋର ଜୀବନ ନେଇଗଲା। ଏହା ହିଁ ପ୍ରକୃତ କାରଣ।

ସୁନୀତା: ଆଁ... କ'ଣ?

ଦେବ: ହଁ ସୁନୀତା।

ଚନ୍ଦ୍ର: ଡାକ୍ତର ବି ତ ସେଇଆ କହିଲେ। ତାଙ୍କ ମତରେ, ବ୍ରୁନୋର ଜଳଶୂନ୍ୟତା ବା ଡିହାଇଡ୍ରେସନ୍ ଯୋଗୁ ହୋଇଛି। ବିଷାକ୍ତ ଜିନିଷ ଖାଇବା ବା କୌଣସି ରୋଗ

ଯୋଗୁ ହୋଇନାହିଁ।

ଦେବ: ମୋତେ ନୁହେଁ।

ସୁନୀତା: କିନ୍ତୁ ଆମେ ତ ମାତ୍ର ଘଣ୍ଟାଏ ଖଣ୍ଡେ ନାଚ ପ୍ରୋଗ୍ରାମରେ ଥିଲୁ।

ଦେବ: ସୁନୀତା, ଖରାରେ ଥିବା କାର୍ ତା ପୁଣି ଦୁଆର ବନ୍ଦ ଥିବା ଅବସ୍ଥାରେ , ଘଣ୍ଟାଏ ଭିତରେ ଅନେକ ତାପ ଏକାଠି ହୋଇଯାଏ।

ସୁନୀତା: କିନ୍ତୁ ବନ୍ଦ କାର୍‌ରେ ତାପ ଏକାଠି ହୋଇଯାଏ କେମିତି ? ମୁଁ ତ ବୁଝିପାରୁନାହିଁ।

ସୂର୍ଯ୍ୟ: ମୁଁ ବି ଠିକ ଏଇ କଥା ପଚାରିବାକୁ ଯାଉଥିଲି।

ଦେବୀ/ଚନ୍ଦ୍ର: ଆମେ ବି।

ଦେବ: ବୈଜ୍ଞାନିକମାନେ ପ୍ରାୟ ଏହିଭଳି ସମସ୍ୟାର ବିଶେଷ ଭାବରେ ଅଧ୍ୟୟନ କରିଛନ୍ତି। ୨୦୧୮ ମସିହାରେ କେବଳ ଆମେରିକାରେ ଛଅଜଣ ଶିଶୁଙ୍କ ମୃତ୍ୟୁ ଘଟଣା ଜଣାପଡ଼ିଲା। ଏମାନଙ୍କୁ ତାଙ୍କ ବାପା ମା ମାନେ ବନ୍ଦ କାର୍‌ରେ ଛାଡ଼ିଦେଇ ଯାଇଥିଲେ।

ସୂର୍ଯ୍ୟ: ହେ ଭଗବାନ।

ସୁନୀତା: ହେ ମା, କି ଭୟଙ୍କର କଥା।

ଦେବ: ଆମେରିକାରେ ହୋଇଥିବା ଏକ ସର୍ବେକ୍ଷଣ ଅନୁସାରେ, ପ୍ରତିବର୍ଷ ପ୍ରାୟ ୩୭ ଜଣ ଶିଶୁ ଏହିଭଳି ଦୁର୍ଘଟଣାର ଶିକାର ହୋଇଥାନ୍ତି। ହାଇପରଥର୍ମିଆ ଯୋଗୁ। ଏହା ଅର୍ଥ ହେଉଛି ଏଭଳି ପରିସ୍ଥିତି ଯେଉଁଥିରେ ଶରୀର ଗ୍ରହଣ କରୁଥିବା ବା ଶରୀରରୁ ଉତ୍ପନ୍ନ ହେଉଥିବା ତାପ, ତା ଦ୍ଵାରା ଉତ୍ସର୍ଜିତ ହେଉଥିବା ତାପଠାରୁ ଅଧିକ ହୋଇଯାଏ।

ସୂର୍ଯ୍ୟ: କ'ଣ କାର୍ ଭିତରେ ଏତେ ତାପ ରହିଯାଏ ଯେ ଜଣଙ୍କର ଜୀବନ ଚାଲିଯିବ?

ଦେବ: ସୂର୍ଯ୍ୟ ବାବୁ , ୭୦ ଡିଗ୍ରୀ ସେଲ୍‌ସିଅସ ତାପମାତ୍ରାରେ ଅଣ୍ଡା ସିଝିଯାଇପାରେ। ଏଇ ତାପମାତ୍ରା କେବଳ ଫ୍ରାଇଂପ୍ୟାନ୍ ବା ଡେକ୍‌ଚିରେ ମିଳି ନ ଥାଏ। ବରଂ ଘଣ୍ଟାଏ କାଳ ଖରାରେ ଦୁଆର ବନ୍ଦ କରି ରଖାଯାଇଥିବା କାର୍ ଭିତରେ ବି ମିଳିଥାଏ।

ସୂର୍ଯ୍ୟ: ଆରେ... ନା ମ!

ଦେବୀ: ହଁ, ସେଥିପାଇଁ ତ ଯେତେବେଳେ ଆମେ କାର୍‌ର ଦୁଆର ଖୋଲିଲେ ଭିତର କେତେ ଗରମ ଲାଗୁଥିଲା।

ଦେବ: ଛୋଟ ପିଲା ଆଉ ପୋଷା ଜନ୍ତୁ ଖୁବ୍ ଶୀଘ୍ର ହାଇପରଥର୍ମିଆର ଶିକାର ହୋଇଯାଆନ୍ତି। ଏମିତିକି ଗାଡ଼ି ଦୁଇଘଣ୍ଟା ପାଇଁ ଛାଇରେ ରହିଲେ ବି ଗରମ ହୋଇଯିବ। ପ୍ରାୟ ୪୦ ଡିଗ୍ରୀ ସେଲସିଅସ ତାପମାତ୍ରାରେ ଦେହର ଭିତର ଅଙ୍ଗ କ୍ଷତିଗ୍ରସ୍ତ ହୋଇପାରେ।

ଚନ୍ଦ୍ର: କିନ୍ତୁ କାର୍ ଭିତରେ ତାପମାତ୍ରା ଏତେ କେମିତି ବଢ଼ିଯାଏ ମଉସା ? ପ୍ରକୃତରେ ଏହା ହୁଏ କେମିତି?

ଦେବ: ଭଲ ପ୍ରଶ୍ନ ପଚାରିଲୁ ଚନ୍ଦ୍ର। ଏ ତ ସବୁଜକୋଠରୀ ପ୍ରଭାବ ଭଳି ହୋଇଥାଏ। ଏହା ବିଷୟରେ ଶୁଣିଛୁ?

ଚନ୍ଦ୍ର: ଆଜ୍ଞା, ଆମ ପାଠ ବହିରେ ଏ ବିଷୟରେ ଲେଖା ଅଛି।

ଦେବ: ଆଚ୍ଛା!

ଦେବୀ: କିନ୍ତୁ ମତେ ଏ ବିଷୟରେ କିଛି ବି ଜଣାନାହିଁ। ମଉସା, ଦୟାକରୀ ମତେ କୁହନ୍ତୁ।

ଦେବ:	ହଁ ଦେବୀ, ନିଶ୍ଚୟ କହିବି।

ସୁନୀତା:	ତମେମାନେ ଏ ବିଷୟରେ କଥା ହେଉଥାଅ। ମୁଁ ଚା ନେଇ ଆସୁଛି।

ଦେବ:	ଠିକ ଅଛି ସୁନୀତା। ପ୍ରଶ୍ନ ହେଉଛି ଏ ସବୁଜକୋଠରୀ ପ୍ରଭାବ ବାସ୍ତବରେ କି ଜିନିଷ? ସବୁଜକୋଠରୀ ପ୍ରଭାବ ସେଇ ପ୍ରକ୍ରିୟାକୁ କୁହାଯାଏ ଯେଉଁଥିରେ ବିକିରଣ ମାଧ୍ୟମରେ ତାପମାତ୍ରା ବଢ଼ିଥାଏ। ସାଧାରଣତଃ ଏହି ଶବ୍ଦର ବ୍ୟବହାର ସେତେବେଳେ କରାଯାଏ ଯେତେବେଳେ ଘରର ବାୟୁମଣ୍ଡଳରୁ ହେଉଥିବା ତାପ ବିକିରଣ ସେହି ଘରର ପୃଷ୍ଠକୁ ଗରମ କରିଦିଏ।

ଦେବୀ:	ମଉସା, ଆପଣ ଯାହା କହିଲେ ମୁଁ କିଛି ବି ବୁଝିପାରିଲି ନାହିଁ।

ଚନ୍ଦ୍ର:	ଆଉ ଏହାର ବ୍ରୁନୋର ମୃତ୍ୟୁ ସହ କ'ଣ ସମ୍ପର୍କ?

ଦେବ:	ହୁଁ.... ଆଚ୍ଛା, ମୁଁ ଏହାକୁ ସହଜ କରି କହୁଛି। ତମ ବାପା ଖରାରେ ଗାଡ଼ି ଠିଆ କରାଇଲେ... ଠିକ?

ଚନ୍ଦ୍ର:	ଆଜ୍ଞା।

ଦେବ:	ସେଥିପାଇଁ ସୌର ବିକିରଣ ଦ୍ୱାରା ଆସୁଥିବା ତାପ ସେହି କାର୍ ଭିତରେ ପହଞ୍ଚିଗଲା।

ଚନ୍ଦ୍ର:	ଠିକ ଅଛି।

ଦେବ:	ଏବେ ସେହି ତାପକୁ କାର୍ ଭିତରେ ଥିବା ବିଭିନ୍ନ ସାମଗ୍ରୀ ଶୋଷିବାକୁ ଲାଗିଲେ। ଫଳରେ କାର୍ ଭିତରର ତାପମାତ୍ରା ବଢ଼ିବାକୁ ଲାଗିଲା। ତା ସହିତ ବାହାରୁ ଆସୁଥିବା ତାପମାତ୍ରା ବି ଚାଲୁ ରହିଲା। ଏହିଭଳି କାର୍ ଭିତରେ ବନ୍ଦ ହୋଇ ରହିଥିବା ଉଷ୍ମତା ଯୋଗୁ ତାପମାତ୍ରା ବହୁତ ଅଧିକ ବଢ଼ିଗଲା।

ଦେବୀ:	କିନ୍ତୁ ମଉସା, ଗୋଟିଏ କଥା ବୁଝିହେଲା ନାହିଁ।

ଦେବ:	କୋଉ କଥା?

ଦେବୀ:	କାର୍ ଭିତରେ ଯେମିତି ତାପ ପହଞ୍ଚିପାରୁଛି, ସେହିଭଳି ବାହାରକୁ କାହିଁକି ଆସିପାରୁନାହିଁ? ସେଇଟି ବନ୍ଦ ହୋଇ ରହିଯିବାର କି କାରଣ ହୋଇପାରେ।

ଦେବ:	ଆରେ ବାଃ କି ବଢ଼ିଆ ପ୍ରଶ୍ନ କଲା ଦେବୀ। ବାସ୍ତବ କଥା ତ ଏଇଠି ରହିଛି। ଏବେ ଦେଖ, ସୌର ବିକିରଣରୁ ଆସୁଥିବା ଉଷ୍ମତା କାର ଭିତରେ କେମିତି ପଶିଲା? କାର୍ ଯେଉଁଥିରେ ତିଆରି ସେହି ପଦାର୍ଥ ଦ୍ୱାରା । କିନ୍ତୁ ଭିତରେ ଥିବା ପଦାର୍ଥଦ୍ୱାରା ଉତ୍ସର୍ଜିତ ବିକିରଣ ତାର ବାହାରି ଯାଇପାରୁନାହିଁ। ଫଳରେ ଦୁଇ ପଟର ବିକିରଣ କାର ଭିତରେ ବନ୍ଦୀ ହୋଇ ରହିଯାଉଛି। ଆଉ କାର୍ ଭିତରର ତାପମାତ୍ରା ଅତ୍ୟଧିକ ବଢ଼ିଯାଉଛି।

ଚନ୍ଦ୍ର:	କିନ୍ତୁ ଏମିତି କାହିଁକି ହୁଏ ମଉସା?

ଦେବ:	ବିକିରଣର ଗୁଣ ଯୋଗୁ ଏହିଭଳି ହୁଏ। କାର୍‌ର ଭିତର ପଦାର୍ଥ ଦ୍ୱାରା ଉତ୍ସର୍ଜିତ ତାପ ବିକିରଣର ତରଙ୍ଗଦୈର୍ଘ୍ୟ ଏବଂ ବାହାରୁ ହେଉଥିବା ସୌର ବିକିରଣର ତରଙ୍ଗଦୈର୍ଘ୍ୟ ଭିତରେ ଥିବା ତଫାତ ଯୋଗୁ , କାର୍ର ପଦାର୍ଥରୁ ଉତ୍ସର୍ଜିତ ହେଉଥିବା ତାପ କାର୍‌ରୁ ବାହାରକୁ ଆସିପାରୁନାହିଁ ଏବଂ ସେଇଠି ବନ୍ଦୀ ହୋଇ ରହିଯାଉଛି।

ସୂର୍ଯ୍ୟ:	ଓହୋ! ସେଇଥିପାଇଁ ଅନେକ ସମୟ ଧରି ବନ୍ଦ ରହିଥିବା କାର୍ ଭିତରକୁ ଗଲେ ବହୁତ ଗରମ ଲାଗେ।

ଦେବ:	ଠିକ ଏମିତି ଆମ ପୃଥିବୀ ମା ସହ ବି ହୋଇଥାଏ।

ଚନ୍ଦ୍ର:	(ଆଶ୍ଚର୍ଯ୍ୟ ହୋଇ) କ'ଣ?

ଦେବ:	ହଁ!!

ଚନ୍ଦ୍ର:	(ସନ୍ଦେହର ସହିତ) ତା ମାନେ ଆପଣ କହୁଛନ୍ତି... ବିଶ୍ୱ ଉଷ୍ମାୟନ?

ଦେବ:	ଠିକ କହିଛ। ବିଶ୍ୱ ଉଷ୍ମାୟନ।

ଦେବୀ:	ଏ ପୁଣି କି ଜିନିଷ ମଉସା? ଚନ୍ଦ୍ରଭାଇ ଜାଣିଥିବ, କିନ୍ତୁ ମୁଁ ତ ଜାଣିନାହିଁ। ଦୟାକରୀ ମତେ କୁହନ୍ତୁ।

ଦେବ:	ହଁ ହଁ ନିଶ୍ଚୟ କହିବି। କିନ୍ତୁ ଏବେ ନୁହେଁ।

ସୁନୀତା:	ଠିକ କହିଛ। ପ୍ରଥମେ ସମସ୍ତେ ଗରମ ଗରମ ଚା ପିଇବେ। ନିଅ ଦେବ।

ଦେବ:	ଧନ୍ୟବାଦ ସୁନୀତା। ଦେବୀ, କାଲି ସ୍କୁଲ ପରେ ତୁ ମୋ ଅଫିସ ଆସେ। ସେଠି ତତେ ଭଲକରି ବୁଝେଇଦେବି।

ଚନ୍ଦ୍ର:	ମୁଁ ବି ଆସିବି।

ଦେବ:	ହଁ ହଁ ତୁମେ ଦୁହେଁ ଆସ।

(ଦୃଶ୍ୟ ପରିବର୍ତ୍ତନ) (ଦୁଆରେ ଆଘାତ)

ଚନ୍ଦ୍ର:	ମଉସା, ଆମେ ଭିତରକୁ ଆସିପାରିବୁ କି?

ଦେବ:	ହଁ ହଁ ଆସ।

ସୁନୀତା:	ନମସ୍କାର।

ଦେବ:	ଆରେ ସୁନୀତା, ଆସ ଆସଷ ବସ, ଦେବୀ, ଚନ୍ଦ୍ର ତମେମାନେ ବି ବସ।

ଦେବୀ/ଚନ୍ଦ୍ର:	ନମସ୍କାର ମଉସା।

ଦେବ:	ହଁ ତାହେଲେ ତମେମାନେ ସବୁଜକୋଠରୀ ପ୍ରଭାବ ବିଷୟରେ ଜାଣିବାକୁ ଚାହୁଁଛ।

ଚନ୍ଦ୍ର:	ଅବଶ୍ୟ ମୁଁ ଏ ବିଷୟରେ ମୋ ପାଠ ବହିରେ ପଢ଼ିଛି । ଆଉ କିଛି ତଥ୍ୟ ଇଣ୍ଟରନେଟ୍‌ରୁ ଏକାଠି କରିଛି। ଦେଖନ୍ତୁ। ଏସବୁ କାଗଜ।

ଦେବ:	ବାଃ, ବହୁତ ଭଲ କଥା। ମୂଳ କଥା ହେଉଛି ଏ ସବୁଜକୋଠରୀ ପ୍ରଭାବ କ'ଣ ଆଉ ସେଥିପାଇଁ କିଏ ଦାୟୀ...

ଦେବୀ:	ଏସବୁ ଆମେ ଜାଣିବାକୁ ଚାହୁଁଛୁ।

ଦେବ:	ଠିକ ଅଛି ଦେବୀ, ନିଶ୍ଚୟ କହିବି। ହୁଁ... ଆଚ୍ଛା ତମେମାନେ ତ ଜାଣିଥିବ ଯେ ଆମ ପୃଥିବୀ ଚାରିପଟେ ଅନେକ ପ୍ରକାରର ବାଷ୍ପୀୟ ମିଶ୍ରଣ ଘେରି ରହିଛି।

ଚନ୍ଦ୍ର:	ଆଜ୍ଞା, ତାକୁ ବାୟୁମଣ୍ଡଳ କୁହାଯାଏ।

ଦେବ:	ଠିକ। ସୂର୍ଯ୍ୟରୁ ଆମକୁ ଉତ୍ତପ ଏବଂ ଆଲୁଅ ମିଳିଥାଏ। ଏହି ଶକ୍ତି ହିଁ ପୃଥିବୀ ଉପରେ ଜୀବନର ମୁଖ୍ୟ ସ୍ରୋତ। ତା ସହିତ ପୃଥିବୀରେ ଜଳଚକ୍ରକୁ ବି ସଞ୍ଚାଳିତ କରେ।

ଚନ୍ଦ୍ର:	ଆଜ୍ଞା।

ଦେବ:	ସୂର୍ଯ୍ୟଠାରୁ ପୃଥିବୀ ଯାଏଁ ଆସିବା ଶକ୍ତି ବାୟୁମଣ୍ଡଳ ଦେଇ ଆସିଥାଏ। ପୃଥିବୀ ଉପରେ ଥିବା ସମସ୍ତ ପଦାର୍ଥ ଏହି ଶକ୍ତିକୁ ଗ୍ରହଣ କରନ୍ତି ବା ଅବଶୋଷିତ କରନ୍ତି। କିନ୍ତୁ ସବୁଠାରୁ ଅଧିକ ପୃଥିବୀର ପୃଷ୍ଠ ଅବଶୋଷିତ କରିଥାଏ।

ସୁନୀତା:	ସେଥିପାଇଁ ପୃଥିବୀର ତାପମାତ୍ରା ବଢ଼ିଥାଏ?

ଦେବ:	ନା ନା ଏମିତି ନୁହେଁ।

ଚନ୍ଦ୍ର:	(ଆଶ୍ଚର୍ଯ୍ୟ ହୋଇ ) ଏମିତି ନୁହେଁ? ମାନେ... କ'ଣ ଏସବୁ ବିଶ୍ୱ ଉଷ୍ମାୟନ...!!

ଦେବୀ:	ଭାଇ, ମଉସାଙ୍କ କଥା ପୂରା ନ ଶୁଣି ମଝିରେ କାହିଁକି କହୁଛୁ।

ଚନ୍ଦ୍ର:	(ଧମକାଇବା ଭଳି) ଦେବୀ!!

ସୁନୀତା: ଚନ୍ଦ୍ର ଚୁପ ହୋଇ ଯା। ମଉସା ଯାହା କହୁଛନ୍ତି ମନ ଦେଇ ଶୁଣ। ପରେ ଯାହା ପଚାରିବା କଥା ପଚାରିବୁ।

ଦେବ: ଦେଖ। ପ୍ରଥମେ ସନ୍ଦେହ ଦୂର କରିନିଅ। ଯେଉଁସବୁ ପଦାର୍ଥ ତାପ ଗ୍ରହଣ କରେ, ସେ ସେହି ତାପକୁ ଉତ୍ସର୍ଜିତ ବି କରେ। ମାନେ ବାହାର ବି କରେ। ତା ମାନେ ପୃଥିବୀ ପୃଷ୍ଠ ଆଉ ପଦାର୍ଥ ବି ତାପ ଉତ୍ସର୍ଜିତ କରେ। ଏହି ଉତ୍ସର୍ଜିତ ତାପ ବାୟୁମଣ୍ଡଳରେ ପହଞ୍ଚେ, ଏବଂ ଏଠାରେ ତାକୁ ଅଟକାଇ ରଖାଯାଏ। ଅଟକି ରହିଥିବା ତାପ ପୃଥିବୀର ତାପମାତ୍ରା ବଢ଼େଇବା ପାଇଁ ଦାୟୀ।

ଚନ୍ଦ୍ର: ତା ମାନେ ପୃଥିବୀର ତାପମାତ୍ରା ସୂର୍ଯ୍ୟଠାରୁ ବିକିରିତ ତାପ ଦ୍ୱାରା ନୁହେଁ, ବରଂ ପୃଥିବୀ ପୃଷ୍ଠରୁ ଉତ୍ସର୍ଜିତ ହେଉଥିବା ତାପ ଦ୍ୱାରା ଆସେ? ଏହା କେମିତି ସମ୍ଭବ ମଉସା?

ଦେବ: ଜାଣୁଛି ଏ କଥା ବୁଝିବା ଏତେ ସହଜ ହେବନାହିଁ। ଆଚ୍ଛା ହଉ, ଗୋଟିଏ ଉଦାହରଣ ଦେଇ ବୁଝଉଛି। ଠିକ ଅଛି?

ଚନ୍ଦ୍ର: ଆଜ୍ଞା।

ଦେବ: ତମେ ଯେତେବେଳେ ଉଡ଼ାଜାହାଜରେ ଯାଉଥାଅ , ପୃଥିବୀ ପୃଷ୍ଠରୁ ପ୍ରାୟ ୩୦ ବା ୪୦ ହଜାର ଫୁଟ ଉପରେ ଥାଅ। ତା ମାନେ ପୃଥିବୀ ପୃଷ୍ଠ ତୁଳନାରେ ସୂର୍ଯ୍ୟର ସେତିକି ପାଖରେ ଥାଅ। ଠିକ?

ଚନ୍ଦ୍ର: ହଁ ଠିକ...

ଦେବ: ଏଭଳି ପରିସ୍ଥିତିରେ ତ ଜାହାଜର ବାହାରର ତାପମାତ୍ରା ପୃଥିବୀ ପୃଷ୍ଠର ତାପମାତ୍ରା ତୁଳନାରେ ଅଧିକ ହେବା କଥା।

ଦେବୀ: ହଁ, ହେବା କଥା।

ଦେବ: (ହସି ହସି) କିନ୍ତୁ ଏମିତି ହୁଏନାହିଁ। ବରଂ ଏତେ ଉଚ୍ଚତାରେ ତା 'ର

ବାହାରର ତାପମାତ୍ରା ଶୂନ ଡିଗ୍ରୀ ସେଲସିଅସ ବା ତା ଠାରୁ ବି କମ୍ ହୋଇଥାଏ। ଏହା ନିର୍ଭର କରେ କେତେ ଉପରେ ଉଡୁଛି।

ଚନ୍ଦ୍ର: ହଁ ମଉସା, ଆପଣ ଠିକ କହିଛନ୍ତି। ଥରେ ଉଡ଼ାଜାହାଜରେ ଗଲାବେଳେ ପାଇଲଟ କହିଥିଲେ ଯେ ବାହାରର ତାପମାତ୍ରା ଶୂନ ଡିଗ୍ରୀ ସେଲସିଅସଠାରୁ ବି କମ୍ ଅଛି।

ଦେବ: ଉଡ଼ାଜାହାଜ ପୃଥିବୀର ଯେତେ ପାଖକୁ ଆସିବାକୁ ଲାଗେ, ତାପମାତ୍ରା ବଢ଼େ। ତମକୁ ଆହୁରି ବି କହିରଖେ ଯେ ସୂର୍ଯ୍ୟରୁ ଆସୁଥିବା ଶକ୍ତିର ପ୍ରାୟ ଶତକଡ଼ା ୨୬ ଭାଗ ଆମ ବାୟୁମଣ୍ଡଳ ଏବଂ ମେଘ ଦ୍ୱାରା ପ୍ରତିଫଳିତ ହୋଇ ପୁଣି ଥରେ ମହାଶୂନ୍ୟକୁ ଫେରିଯାଏ। ଆଉ ପ୍ରାୟ ଶତକଡ଼ା ୧୯ ଭାଗ ଶକ୍ତି ବାୟୁମଣ୍ଡଳ ଏବଂ ବାଦଲ ଅବଶୋଷିତ କରିଦିଅନ୍ତି। ବଳକା ରହିଥିବା ଅଧିକାଂଶ ଶକ୍ତି ପୃଥିବୀ ପୃଷ୍ଠ ଶୋଷିନିଏ।

ଚନ୍ଦ୍ର: ଆଜ୍ଞା।

ଦେବ: ସୂର୍ଯ୍ୟଠାରୁ ପୃଥିବୀ ଯେଉଁ ଶକ୍ତି ପାଇଥାଏ ସେସବୁ ଅତିବାଇଗଣୀ, ଦୃଶ୍ୟମାନ ଏବଂ ଅବଲୋହିତ ବା ଇନ୍‌ଫ୍ରାରେଡ ବିକିରଣ ଦ୍ୱାରା ତା ପାଖରେ ପହଞ୍ଚେ। କାରଣ ସୂର୍ଯ୍ୟ ଅପେକ୍ଷା ପୃଥିବୀ ପୃଷ୍ଠ ବହୁତ ଥଣ୍ଡା, ସେଥିପାଇଁ ଏଠାରେ ହେଉଥିବା ବିକିରଣର ତରଙ୍ଗଦୈର୍ଘ୍ୟ, ଅବଶୋଷିତ ବିକିରଣ ତୁଳନାରେ ଅଧିକ ଲମ୍ବା ହୁଏ। ଏଭଳି ତାପୀୟ ବିକିରଣର ଅଧିକାଂଶ ଭାଗ ବାୟୁମଣ୍ଡଳର କିଛି ନିର୍ଦ୍ଦିଷ୍ଟ ବାଷ୍ପ ଦ୍ୱାରା ଅବଶୋଷିତ ହୁଏ, ଫଳରେ ପୃଥିବୀର ତାପମାତ୍ରା ବଢ଼େ।

ଚନ୍ଦ୍ର: ସେସବୁ କି ବାଷ୍ପ?

ଦେବ: ମୁଖ୍ୟତଃ ଅଙ୍ଗାରକାମ୍ଳ ବାଷ୍ପ। ତା ସହ ଅନ୍ୟମାନେ ହେଲେ ମିଥେନ,

ନାଇଟ୍ରସ୍ ଅକ୍ସାଇଡ, କ୍ଲୋରୋଫ୍ଲୋରୋକାର୍ବନ, ହାଇଡ୍ରୋଫ୍ଲୁରୋ କାର୍ବନ ଏବଂ କିଛି ପରିମାଣରେ ଜଳୀୟବାଷ୍ପ ବି । ଏସବୁ ପୃଥିବୀରୁ ଉତ୍ସର୍ଜିତ ତାପକୁ ଶୋଷିନିଏ। ଏସବୁ ବାଷ୍ପ ସବୁଜକୋଠରୀ ପ୍ରଭାବ ପାଇଁ ଦାୟୀ ହୋଇଥିବାରୁ ଏସବୁକୁ ସବୁଜକୋଠରୀ ବାଷ୍ପ ବି କୁହାଯାଏ।

ଦେବୀ: ମଉସା, ଗୋଟେ କଥା ମୁଁ ବୁଝିପାରିଲିନାହିଁ।

ଦେବ: କୋଉ କଥା।

ଦେବୀ: କେବଳ ଏହିସବୁ ବାଷ୍ପ କାହିଁକି ଦାୟୀ ବୋଲି କୁହାଯାଏ?

ଦେବ: ତୁ ତ ଭଲ ପ୍ରଶ୍ନଟିଏ ପଚାରିଛୁ ଦେବୀ। ଦେଖ, ଏସବୁ ବାଷ୍ପର ସ୍ୱତନ୍ତ୍ର ଗୁଣ ରହିଛି, ଯେମିତିକି ପୃଥିବୀ ପୃଷ୍ଠ ଉତ୍ସର୍ଜିତ କରୁଥିବା ବିକିରଣ ଯେଉଁ ତରଙ୍ଗଦୈର୍ଘ୍ୟର, ଏସବୁ ବାଷ୍ପ କେବଳ ସେଇ ତରଙ୍ଗଦୈର୍ଘ୍ୟର ଅବଲୋହିତ ବିକିରଣ ଶୋଷିପାରିବ। ଅନ୍ୟ ବାଷ୍ପ ଏହି ବିକିରଣକୁ ଶୋଷିନେଇ ପାରିବେନାହିଁ।

ଦେବୀ: ତା ମାନେ ଯଦି ବାୟୁମଣ୍ଡଳରେ ଏହି ବାଷ୍ପର ପରିମାଣ ବଢ଼ିଯିବ , ତାହେଲେ ତାପମାତ୍ରା ବି ବଢ଼ିବ।

ଦେବ: ପୂରା ଠିକ କହିଛୁ ଦେବୀ। କଥାଟା ଠିକ ଧରିଛୁ। ଏହା ହିଁ ହେଉଛି ବିଶ୍ୱ ଉଷ୍ଣାୟନ।

ଦେବୀ: ଏସବୁ ବାଷ୍ପକୁ କ'ଣନଷ୍ଟ କରିଦେଇ ହେବନାହିଁ? ତାହେଲେ ତାପମାତ୍ରା ଆଉ ବଢ଼ନ୍ତା ନାହିଁ।

ଦେବ: ନା ଏମିତି ହେଲେ ପ୍ରକୃତିର ସନ୍ତୁଳନ ବିଗିଡ଼ିଯିବ । ଆହୁରି ପୁଣି ଅଙ୍ଗାରକାମ୍ଳ ତ ଆମ ପାଇଁ ଦରକାର। ଏହା ବିନା ଗଛ ଆଲୋକ ଶ୍ଳେଷଣ କରି ନିଜର ଖାଦ୍ୟ କେମିତି ପାଇବ? ତା ମାନେ ଆମର ବି ଏଇ ବାଷ୍ପ ଦରକାର ।

ଯଦି ଏଇ ସବୁଜକୋଠରୀ ବାଷ୍ପ ନ ଥାନ୍ତା ତାହେଲେ ପୃଥିବୀର ତାପମାତ୍ରା -୧୮ ଡିଗ୍ରୀ ସେଲସିଅସ ହୋଇଯାଆନ୍ତା। ଜୀବନ ପାଇଁ ଏହା ଅନୁକୂଳ ନୁହେଁ। ସବୁଜକୋଠରୀ ପ୍ରଭାବ ଆମ ପାଇଁ କିଛିଟା ଆବଶ୍ୟକ ବି। କାଚଘରେ ଯେଉଁ ତାପମାତ୍ରା ବଢ଼ାଯାଏ, ତା'ର ସୀମା ସ୍ଥିର କରିଦିଆଯାଏ, ଯେମିତି ଗଛ ଠିକ ଭାବରେ ବଢ଼ିପାରିବ। ଏହା ଭିତରେ ତାପମାତ୍ରା ବାହାର ତାପମାତ୍ରାଠାରୁ ବହୁତ ଅଧିକ ଥାଏ। ସେଥିପାଇଁ ଏହି ପ୍ରଭାବକୁ ସବୁଜକୋଠରୀ କୁହାଯାଏ।

ଦେବୀ: ଏବେ ମୁଁ ବୁଝିଗଲି।

ଦେବ: ଜାଣିଛୁ, ଶୁକ୍ରଗ୍ରହର ତାପମାତ୍ରା ୪୫୦ ଡିଗ୍ରୀ ସେଲସିଅସ ହୋଇଯାଏ।

ଦେବୀ: କାହିଁକି?

ଦେବ: କାରଣ ତା'ର ବାୟୁମଣ୍ଡଳରେ ପ୍ରଚୁର ପରିମାଣର ଅଙ୍ଗାରକାମ୍ଳ ବାଷ୍ପ ରହିଛି। ସେଥିପାଇଁ ଅଧିକ ମାତ୍ରାରେ ତାପ ସେଠାରେ ଅଟକି ରହେ ଏବଂ ତାପମାତ୍ରା ବହୁତ ଅଧିକ ହୋଇଯାଏ।

ଚନ୍ଦ୍ର: ହୋଇପାରେ, ଭବିଷ୍ୟତରେ ପୃଥିବୀରେ ବି ଆମକୁ ଏଭଳି ସମସ୍ୟା ଆସିପାରେ।

ଦେବୀ: ଏମିତି କେମିତି ହେବ ଭାଇ?

ଦେବ: ଚନ୍ଦ୍ର ଯାହା କହୁଛି ତାହା ଅସମ୍ଭବ ନୁହେଁ। ଯଦି ଆମେ ବାୟୁମଣ୍ଡଳରେ ଏହିଭଳି ଅଙ୍ଗାରକାମ୍ଳ ଠୁଳ କରିଚାଲିବା, ତେବେ ଭବିଷ୍ୟତରେ ଏଭଳି ପରିସ୍ଥିତି ଆସିପାରେ। ଜୀବାଶ୍ମ କୋଇଲା ଜଳାଇବାରେ, ଜଙ୍ଗଲ ନଷ୍ଟ କରିବା, ପ୍ରବଳ ମାତ୍ରାରେ କଳକାରଖାନା ସ୍ଥାପନା କରିବା ଭଳି କିଛି କ୍ରିୟାକଳାପ ଯୋଗୁ ନିରନ୍ତର ଅଙ୍ଗାରକାମ୍ଳ ବାଷ୍ପ ସୃଷ୍ଟି ହୋଇଚାଲିଛି।

ଦେବୀ: ପୃଥିବୀର ତାପମାତ୍ରା ବଢ଼ିଲେ କ'ଣ ହେବ?

ଦେବ:    ସବା ପ୍ରଥମେ ତ ଜଳବାୟୁ ପରିବର୍ତ୍ତନ ହେବ।

ଚନ୍ଦ୍ର:    ଜଳବାୟୁ ପରିବର୍ତ୍ତନ? ତା ମାନେ?

ଦେବ:    ଯେମିତି ମୌସୁମୀ ଡେରିରେ ଆସିବା ଆଉ ଜଲ୍‌ଦି ବିଦା ହୋଇଯିବା। ବର୍ଷାଋତୁ ତିନିଚାରି ମାସ ଧରି ରହିଲେ ବି ଯଥେଷ୍ଟ ବର୍ଷା ନ ହେବା। କେବେ ମୂଷଳଧାରାରେ ବର୍ଷା ହେବା ତ ଆଉ କେବେ ଗୋଟେ ବୁନ୍ଦା ବି ବର୍ଷିବ ନାହିଁ। ଝଡ଼ ତୋଫାନ ଲାଗି ରହିବା। ଏମିତି ବି ଆମ ପୂର୍ବ ଉପକୂଳରେ ଝଡ଼ର ଭୟ ତ ସବୁବେଳେ ରହିଥାଏ। ଏବେ ପଶ୍ଚିମ ଉପକୂଳରେ ବି ଏହି ବିପଦ ଦେଖାଦେଲାଣି। ଦେଶର ଅନେକ ଅଞ୍ଚଳରେ ବର୍ଷା ସହିତ କୁଆପଥର ବି ପଡୁଛି। ତା ବି ପୁଣି କେବେ? ଫେବୃଆରି ମାର୍ଚ୍ଚ ମାସରେ। ଏସବୁ ହେଉଛି ଜଳବାୟୁ ପରିବର୍ତ୍ତନର ସଙ୍କେତ।

ଦେବୀ:    ତା ମାନେ ଏହା ଆରମ୍ଭ ହୋଇଗଲାଣି?

ଦେବ:    ହଁ ଦେବୀ, ଏବେ ଆମ ସମସ୍ତଙ୍କୁ ଏହି ଦିଗରେ ଅତି ଗୁରୁତ୍ୱର ସହ ଚିନ୍ତା କରିବା ଦରକାର। ଅନ୍ୟ ଦେଶ ଭଳି ଆମ ଦେଶରେ ବି ଅଙ୍ଗାରକାମ୍ଳ ଉତ୍ସର୍ଜନର ପରିମାଣ କମ୍ କରିବା ଦିଗରେ ଚେଷ୍ଟା କରାଯାଉଛି ଯେମିତିକି ବାୟୁମଣ୍ଡଳରେ ସବୁଜକୋଠରୀ ବାଷ୍ପ ପରିମାଣ ବଢ଼ି ନ ଯାଏ।

ଚନ୍ଦ୍ର:    ନହେଲେ ତ ଏ ପୃଥିବୀ ପୁଣି ଦ୍ୱିତୀୟ ଶୁକ୍ରଗ୍ରହ ହୋଇଯିବ।

ଦେବ:    ହଁ ଚନ୍ଦ୍ର, ବିଶ୍ୱ ଉଷ୍ମାୟନ ଯୋଗୁ ସମୁଦ୍ରର ଜଳପତନ ବି ବଢ଼ିପାରେ, ଏହାଯୋଗୁ ଉପକୂଳ ଅଞ୍ଚଳ ବିପଦରେ ପଡ଼ିପାରେ।

ଦେବୀ:    ଏହାକୁ କ'ଣ ଅଟକାଯାଇ ପାରିବନାହିଁ?

ଦେବ:    ହଁ ଅଟକାଯାଇ ପାରିବ,ଆଉ ଏହାକୁ ଅଟକାଇବା ପାଇଁ ଏକମାତ୍ର ଉପାୟ ହେଉଛି ସବୁଜକୋଠରୀ ବାଷ୍ପ ଉତ୍ସର୍ଜନ ପରିମାଣ କମାଇବା। ଆମ ସରକାର ବି

ସୌରଶକ୍ତିର ବ୍ୟବହାର କରିବା ପାଇଁ ଅନେକ ଚେଷ୍ଟା କରୁଛନ୍ତି। ତାହେଲେ ବିଜୁଳି ଆଉ ଜୀବାଶ୍ମ ଇନ୍ଧନ ବ୍ୟବହାର ଯେତେ ସମ୍ଭବ କମ୍ କରିହେବ।

ଚନ୍ଦ୍ର: ଆଜ୍ଞା ହଁ, ଆମେ ବି ଘରେ ଏଲଇଡି ବଲ୍ବ ବ୍ୟବହାର କରିବା ଆରମ୍ଭ କଲୁଣି। ଏଥିରେ ବିଜୁଳି ବି କମ୍ ଖର୍ଚ୍ଚ ହେବ।

ଦେବ: ବହୁତ ଭଲ କଥା। ଆମର ଏହିଭଳି ଛୋଟ ଛୋଟ ପ୍ରଚେଷ୍ଟାରୁ ସବୁଜକୋଠରୀ ପ୍ରଭାବ କମ୍ କରାଯାଇପାରେ। ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଅଛି - ପ୍ଲାଷ୍ଟିକ। ଯେତେଦୂର ସମ୍ଭବ ଆମକୁ ପ୍ଲାଷ୍ଟିକର ବ୍ୟବହାର କମେଇବାକୁ ହେବ।

ଦେବୀ: ପ୍ଲାଷ୍ଟିକ ବ୍ୟବହାର? କାହିଁକି?

ଦେବ: ପ୍ଲାଷ୍ଟିକ ସାଧାରଣତଃ ଜୀବାଶ୍ମ ଇନ୍ଧନରୁ ଉତ୍ପାଦିତ ହୋଇଥାଏ। ପ୍ଲାଷ୍ଟିକର ଅବଶିଷ୍ଟାଂଶ ବା ଅଳିଆ ବହୁତ ପରିମାଣର ଅଙ୍ଗାରକାମ୍ଳ ଉତ୍ସର୍ଜିତ କରିରଥାଏ। ୨୦୧୮ ମସିହାରେ ହୋଇଥିବା ଏକ ଅଧ୍ୟୟନରୁ ଜଣାଯାଏ ଯେ ସାଧାରଣ ଭାବରେ ପ୍ରଚଳିତ ପ୍ଲାଷ୍ଟିକ ପଦାର୍ଥ ସୂର୍ଯ୍ୟକିରଣରେ ପଡ଼ିରହିଲେ ମିଥେନ , ଏଥିଲିନ୍ ଭଳି ସବୁଜକୋଠରୀ ବାଷ୍ପ ବହୁତ ପରିମାଣରେ ଉତ୍ସର୍ଜିତ କରିଥାଏ ଯାହା କି ପୃଥିବୀର ବାୟୁମଣ୍ଡଳକୁ ପ୍ରଭାବିତ କରିଥାଏ।

ସୁନୀତା: ହଁ ଏ ତ ବହୁତ ଗମ୍ଭୀର ସମସ୍ୟା। କିନ୍ତୁ ଏହାକୁ ସାମନା କରିବା ପାଇଁ ଆମେମାନେ ବି କିଛି କରିପାରିବା। ଯେମିତିକି ପ୍ଲାଷ୍ଟିକ ବ୍ୟାଗ ବଦଳରେ କନାବ୍ୟାଗ ନେଇ ବଜାର ଯିବା। ଆମେ ପ୍ଲାଷ୍ଟିକ ବ୍ୟବହାର ନ କଲେ ଆପେ ଆପେ ପ୍ଲାଷ୍ଟିକର ପରିମାଣ କମିଯିବ। ଏହିଭଳି ଛୋଟ ଛୋଟ ପ୍ରଚେଷ୍ଟା କଲେ ସବୁଜକୋଠରୀ ବାଷ୍ପ ଉତ୍ସର୍ଜନ କମାଯାଇ ପାରିବ। କ'ଣ ଦେବ, ଠିକ ନା?

ଦେବ: ପୂରା ଠିକ କହିଛ ସୁନୀତା। ବିଶ୍ୱ ଉଷ୍ଣାୟନ ଆଉ ଜଳବାୟୁ ପରିବର୍ତ୍ତନ

ବିଷୟରେ ସମସ୍ତଙ୍କର ସଚେତନତା ଆଉ ସକ୍ରିୟତା ବହୁତ ଜରୁରୀ। ଆମର ଆଗାମୀ ପିଢ଼ି ପାଇଁ ଆମକୁ ଏ ଦିଗରେ ନିରନ୍ତର ଚେଷ୍ଟା ଜାରି ରଖିବା ଜରୁରୀ।

ଚନ୍ଦ୍ର: ନହେଲେ ଆମ ପୃଥିବୀ ସୌରଜଗତରେ ଆଉ ଗୋଟିଏ ଶୁକ୍ରଗ୍ରହ ହୋଇଯିବ।

ଦେବୀ: ଆଉ ଏଠିକାର ସମସ୍ତ ଜୀବ ଆଉ ଜୀବନ୍ତ ପଦାର୍ଥ ଆମ ବ୍ରୁନୋ ଭଳି ଭୀଷଣ ତାପମାତ୍ରାରେ ମରିଯିବେ।

ସମସ୍ତ: ସେଥିପାଇଁ କର ନିୟନ୍ତ୍ରଣ - ଅଙ୍ଗାରକାମ୍ଳ ଉତ୍ସର୍ଜନ। ଜଙ୍ଗଲ ନଷ୍ଟ ବନ୍ଦ କର। ପୃଥିବୀର ରକ୍ଷା କର। ଆଗାମୀ ପିଢ଼ିକୁ ସୁରକ୍ଷିତ କର।